## ସଂକ୍ଷେପରେ

### ବିପୁଳ ମଦ ଜବତ

ପାରଳାଖେମୁଣ୍ଡି, ୩।୫ (ଗିରିଧାରୀ ପରିଛା): କାଶୀନଗର ବ୍ଲକ ହାଡୁଭାଙ୍ଗି କୀଡୀଗାଁ ଗ୍ରାମରେ ବିପୁଳ ପରିମାଣରେ ବିଦେଶୀ ମଦ ଓ ଭାଟି ରନ୍ଧା ଦେଶୀ ପାଉଚ ମଦ ଜବତ ହୋଇଛି। ଏସପି ଏସ ସ୍ୱାତି କୁମାର ସୂଚନା ପାଇ ଚଢ଼ାଉ କରି କାଶୀନଗର କୀଡୀଗାଁ ଗ୍ରାମରେ ବହୁ ପରିମାଣରେ ବିଦେଶୀ ଠିପି ବନ୍ଦ ମଦ ଜବତ କରିଛନ୍ତି। ଏହି ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ଜଣେ ଫେରାର ଥିବା ଜଣାପଡିଛି। ସେହିପରି ହାଡୁଭାଙ୍ଗି ଗ୍ରାମରୁ ଏକ ଗୋଦାମ ଗୃହରୁ ୪୦ବସ୍ତା ପାଉଚ, ଦେଶୀ ମଦ ଆନୁମାନିକ ୮୦୦ଲିଟର ମଦ ଜବତ କରାଯାଇଛି।

### ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଫୁଲବାଣୀ, ୩।୫(ରାକେଶ କୁମାର ରାଉତ): କନ୍ଧମାଳ ଜିଲା ଆଇନସେବା ପ୍ରାଧୀକରଣ ଆନୁକୂଲ୍ୟରେ ଜିଲା କୋର୍ଟ ପରିସରରେ ଆସନ୍ତା ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରୀ, ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ, ମୋଟର୍ ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରା ଯାଇପାରିବ। ସେହିପରି ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରୀରେ ଦାଏର ହୋଇ ନ ଥିବା) ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ବୋଲି ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

### ଆଇନ ସଚେତନତା ଶିବିର

ଫୁଲବାଣୀ,୩।୫(ରାକେଶ କୁମାର ରାଉତ): ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ସାଧନ ଅନୁଷ୍ଠାନରେ ଅନ୍ତର୍ଜାତୀୟ ଶ୍ରମ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ ପ୍ରାଧିକରଣ ସଚିବ ଅନୁଶିଲା ରାୟ, ଆଇନଜୀବୀ ଜୟନ୍ତୀ ପାଣିଗ୍ରାହୀ, ଆଇନଜୀବୀ ନନ୍ଦିତା କୁମାରୀ, ସାଧନ ସମ୍ପାଦକ ଏସ. ପାଉଲ ରାଜ, ସମ୍ପାଦକ ଶିବା ମେଥ ପ୍ରମୁଖ ଉପସ୍ଥିତ ରହି ଶ୍ରମ ଆଇନ ଓ ଏହାର ବିଭିନ୍ନ ପ୍ରକାର ଉପକାରିତାର ବିସ୍ତୃତ ବିବରଣୀ ଉପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

### ମାଓବାଦୀ କହି ଟଙ୍କା, ସୁନା ଲୁଟିଲେ

ଫିରିଙ୍ଗିଆ,୩।୫(ବିକ୍ରମ ଦିଗାଲ): କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଜଣଙ୍କ ଘରେ ପଶି ମାଓବାଦୀ ପରିଚୟ ଦେଇ ଲୁଟ କରିଛନ୍ତି। ଏ ନେଇ ଗୃହକର୍ତ୍ତା ଲବ କହଁର ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟାରେ ୭ ଜଣ ଦୁର୍ବୃତ୍ତ ବୋଲେରୋରେ କାସିନିପଦର ପଞ୍ଚାୟତ ମାଝିପଡ଼ା ଗାଁକୁ ଆସି ଲବଙ୍କ ଘରେ ପଶିଥିଲେ। ସେମାନେ ମାଓବାଦୀ ପରିଚୟ ଦେଇ ଧମକାଇବା ସହ ୫ ହଜାର ଟଙ୍କା ସହିତ ସୁନା,ରୁପା ଅଳଙ୍କାର ଏବଂ କଂସାବାସନ ଲୁଟି ନେଇଛନ୍ତ। ଏପରିକି ସେମାନେ ୨୦ ହଜାର ଟଙ୍କା ଦେବାକୁ ଧମକ ଦେଇଥିବା ଲବ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

### କାମରେ ଆସୁନି ବ୍ୟାଙ୍କ ସେବା

ଚକାପାଦ, ୩।୫(ପ୍ରତାପ କିଶୋର ବେହେରା): ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକର ପଞ୍ଚାୟତରେ ବ୍ୟାଙ୍କ ସେବା ପାଇଁ ଜୋର ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଚକାପାଦ ବ୍ଲକ ବପଲମେଣ୍ଡିରେ ବ୍ୟାଙ୍କ ସେବା ଉଦଘାଟନ ହୋଇଥିଲା । ହେଲେ ସେହିଦିନରୁ ଏଠାରେ ତାଲା ପଡିଛି। ବ୍ୟାଙ୍କର ଆସବାବପତ୍ର ଚୋରି ଭୟରେ କେବଳ ଜଣେ ରାତ୍ର ଜଗୁଆଳୀଙ୍କୁ ରଖା ଯାଇଛି । ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ବ୍ୟାଙ୍କ ଖୋଲା ଯାଇଥିଲା ତାହା ଫଳପ୍ରଦ ହେଲାନି । ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ବାଧ୍ୟ ହୋଇ ବପଲମେଣ୍ଡି ପଞ୍ଚାୟତର ଲୋକେ ଲାଇନପଡାଠାରେ ଥିବା ଜନସେବା କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୃଦ୍ଧା ବୃଦ୍ଧ, ଦିବ୍ୟାଙ୍ଗ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ଏ ନେଇ ସରପଞ୍ଚ ରଞ୍ଜନ କୁମାର ମଲିକଙ୍କୁ ପଚାରିବାରୁ ବିଡିଓଙ୍କୁ ପଚାରନ୍ତୁ ବୋଲି କହିଛନ୍ତି।







କନ୍ଧମାଳ ଜିଲା ଜି. ଉଦୟଗିରି ଓ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରୁଛନ୍ତି। ।

# କନ୍ଧମାଳ ଲୋକ ସଭା ପାଇଁ ୧୦, ଫୁଲବାଣୀ ବିଧାନସଭା ପାଇଁ ୧୧ ପ୍ରାର୍ଥୀ

ଫୁଲବାଣୀ,୩।୪(ରାକେଶ କୁମାର ରାଉତ)

କନ୍ଧମାଳ ଲୋକସଭା ଆସନ ସମେତ ଫୁଲବାଣୀ, ବାଲିଗୁଡା, ଜି ଉଦୟଗିରି, ବୌଦ୍ଧ, କଣ୍ଟାମାଳ, ଦଶପଲ୍ଲା ଓ ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଅନ୍ତିମ ଦିନ ସୁଦ୍ଧା କନ୍ଧମାଳ ଲୋକସଭା ଆସନ ପାଇଁ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଜେଡିରୁ ଡ଼. ଅଚ୍ୟୁତ ସାମନ୍ତ, ଭାଜପାରୁ ସୁକାନ୍ତ ପାଣିଗ୍ରାହୀ, କଂଗ୍ରେସରୁ ଅମୀର ଚାନ୍ଦ ନାୟକ, ବିଏସପିରୁ ହରିବନ୍ଧୁ ବେହେରା, ମାନସ ଲୋକଶକ୍ତି ଦଳରୁ ଭାଗିରଥି ବଳିଆରସିଂ, ଜାତୀୟ ଜନ ଦଳରୁ ସୁଭାଷ ମହାପାତ୍ର, କଳିଙ୍ଗ ସେନା ପକ୍ଷରୁ ପର୍ଶୁରାମ ପ୍ରଧାନ। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ ସୁଶୀଲା ତ୍ରିପାଠୀ, କନକ ମଞ୍ଜରୀ ରଥ, ଫିରୋଜ ଦିଗାଲ ନାମାଙ୍କନ ଦାଖଲ କରିଥିବା ରିଟର୍ଣ୍ଣିଂ ଅଫିସର ତଥା କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୂଚନା ଦେଇଛନ୍ତି। ସେହିଭଳି ଫୁଲବାଣୀ ବିଧାନସଭା ଆସନ ପାଇଁ ସମୁଦାୟ ୧୧ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡିରୁ ଜୟଶ୍ରୀ କହଁର, କଂଗ୍ରେସରୁ ପ୍ରତିଭା କହଁର, ଭାଜପାରୁ ଉମାଚରଣ ମଲ୍ଲିକ, ବିଏସପିରୁ ଦୀପାଞ୍ଜଳି କହଁର, ସମାଜବାଦୀ ପାର୍ଟିରୁ ଦେବେନ୍ଦ୍ର କହଁର, କଳିଙ୍ଗ ସେନାରୁ ଅନନ୍ତ କହଁର ଓ ମାନସ ଲୋକଶକ୍ତି ଦଳରୁ ବିଶ୍ୱମ୍ଭର କହଁର ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ ହିମାଂଶୁ କହଁର, ସୁଧାଂଶୁ କହଁର, ଟିକେଶ୍ୱର କହଁର ଓ ମହେନ୍ଦ୍ର ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରିଥିବା ରିଟର୍ଣ୍ଣିଂ ଅଫିସର ତଥା ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତ ରଞ୍ଜନ ମହନ୍ତ ସୂଚନା ଦେଇଛନ୍ତି।

# ବିଜେଡି ପ୍ରାର୍ଥୀ ଭୃଗୁ, ଅନ୍ତର୍ଯ୍ୟାମୀଙ୍କ ଶୋଭାଯାତ୍ରା



ନୂଆଗଡ,୩।୫(ଯୋଗ୍ୟବନ୍ତ ପରିଛା):

ବିଜେଡିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ମୋହନା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ବିଶାଳ ଶୋଭାଯାତ୍ରା କରିଛନ୍ତି। ବିଜେଡି ଗଜପତି ଜିଲା ସଭାପତି ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ଦଳର ହଜାର ହଜାର କର୍ମୀ, ନେତା ଓ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଆର.ଉଦୟଗିରି ବ୍ଲକର ମହେନ୍ଦ୍ରଗଡରୁ ବାହାରି ଛେଳିଗଡ, ଆର.ଉଦୟଗିରି, ନୂଆଗଡ ବ୍ଲକର ତାବରଡ଼ା, ଖଜୁରିପଦା, ଭ୍ରମରପୁର, ନୂଆଗଡ, ବଡ଼ପଦା, ରାୟଗଡ ବ୍ଲକର ମାର୍ଲବା, ରାୟଗଡ଼, ପଦମପୁର ଦେଇ ନାରାୟଣପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ବଜାର ଛକରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ ବ୍ଲକ ସଭାପତି ଜନ ମାଝି, ଏମ୍‌ପି ପ୍ରତିନିଧି ରିଙ୍କୁ ପାଣି, ବିଜେଡି ଯୁବ ସଭାପତି ଆର୍ମିଏଲ ଏଡଲା, ବିଜେଡି ଜିଲା ସମ୍ପାଦକ ଯକ୍ଷ ରଇତ, ସରପଞ୍ଚ ପ୍ରେମା ମାଝି, ସମିତିସଭ୍ୟା ସୁନିତା ପାଣି, ମାନୁଏଲ ଛିଞ୍ଚାଣି, ବରିଷ୍ଠ କର୍ମୀ ହୃଦୟ ରଞ୍ଜନ ପାଣି ଏବଂ ମୋହନା, ଆର.ଉଦୟଗିରି, ରାୟଗଡ ବ୍ଲକର ବରିଷ୍ଠ ବିଜେଡି ନେତା, କର୍ମୀ ପ୍ରତି ଗାଁ ଛକ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପ୍ରାର୍ଥୀଦ୍ୱୟଙ୍କୁ ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ସେମାନେ ଅନୁରୋଧ କରିଥିଲେ।

# ବାଇକ ରାଲିରେ ଆସି ନାମାଙ୍କନ

ପୋଲସରା,୩।୫(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତଥା ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ୧୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଛତ୍ରପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସିକା ଏମପି ପ୍ରାର୍ଥିନୀ ଅନିତା ଶୁଭଦର୍ଶୀନୀ ପଟ୍ଟନାୟକ, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଏସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ନାରୀନେତ୍ରୀ ଆରତୀ ଦେବୀ, ରୀନାରାଣୀ ଦେବୀ, ବରିଷ୍ଠ ଭାଜପା ନେତା ଗଙ୍ଗାଧର ନାୟକ, ଗୀତାଞ୍ଜଳି ନାୟକ, ପ୍ରତିମା ସାହୁ, ପୃଥ୍ୱୀରାଜ ଭଞ୍ଜଦେଓ, ଆଇନଜୀବୀ ସୁଶାନ୍ତ କୁମାର ମଲ୍ଲିକ, ମନୋଜ କୁମାର ରଥ, ପ୍ରବିତ୍ର ନାୟକ, ପ୍ରଶାନ୍ତ ପ୍ରଧାନ, ବାବୁଲୀ ନାୟକ, ସୁନୀଲ ପାଢ଼ୀ, ଯୁବନେତା ରାଜେନ୍ଦ୍ର ପାତ୍ର, ରାଜ୍ୟ ପ୍ରଭାରୀ ଦୁର୍ଗା ଚରଣ ପଟ୍ଟନାୟକ, ବିସ୍ତାରକ ସୌମ୍ୟରଞ୍ଜନ ସାହୁ, ଜଗନ୍ନାଥ ସାମଲ, ନାରାୟଣ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସତ୍ୟନାରାୟଣ ସାହୁଙ୍କ ସମେତ ୧୦ ହଜାରରୁ ଉର୍ଦ୍ଧ୍ୱ ଭାଜପା ନେତା, କର୍ମୀ ଓସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ।

## ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁଙ୍କ ନାମାଙ୍କନ ଦାଖଲ

ଫୁଲବାଣୀ, ୩।୫
(ରାକେଶ କୁମାର ରାଉତ):

ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ ପାଇଁ ହେବ ଭୋଟ ଗ୍ରହଣ । କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଏଥର ନିର୍ବାଚନ ଖୁବ ରୋମାଞ୍ଚକର ହେବ । ବହୁ ବର୍ଷ ଧରି ଏହି ଆସନକୁ ଦଖଲରେ ରଖିଥିବା ବିଜେଡି ପାଇଁ ନିର୍ବାଚନ କଷ୍ଟକର ହେବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏବେ ସ୍ୱାଧିନ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ଦାଖଲ ବିଶେଷ କରି ବିଜେଡି ପାଇଁ ଚିନ୍ତାର କାରଣ ପାଲଟିଛି । ଶୁକ୍ରବାର ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଗ୍ରାମର ସୁଧାଂଶୁ କୁମାର କହଁର ନିଜ ସମର୍ଥକଙ୍କ ସହ ଆସି ନିଜ ପ୍ରାର୍ଥିପତ୍ର ଉପ ଜିଲାପାଳଙ୍କ ପାଖରେ ଦାଖଲ କରିଛନ୍ତି । ବିଜେଡି ପ୍ରାର୍ଥି ଜୟଶ୍ରୀ କହଁର ମଧ୍ୟ ଏହି ଅଞ୍ଚଳର । ସେହିପରି ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ମଧ୍ୟ ଚଳିତ ନିର୍ବାଚନରେ ସମାଜବାଦୀ ପାର୍ଟି ତରଫରୁ ନିର୍ବାଚନକୁ ଓହ୍ଲାଇଛନ୍ତି । ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଏଥର ଲଢ଼େଇ ଜୋରଦାର ହେବ ବୋଲି ଆକଳନ କରାଯାଉଛି।

## ମା' ନାରାୟଣୀଙ୍କ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଫୁଲବାଣୀ, ୩।୫
(ରାକେଶ କୁମାର ରାଉତ)

ଆସନ୍ତା ୧୦ ତାରିଖରୁ ଏପ୍ରିଲ ୧୧ ତାରିଖ ପର୍ଯ୍ୟନ୍ତ ମା' ନାରାୟଣୀଙ୍କ ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରାକୁ ସୁଚାରୁ ରୂପେ ପାଳନ କରିବା ପାଇଁ କନ୍ଧମାଳ ଜିଲା ପ୍ରଶାସନ, ଯାତ୍ରା କମିଟି ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ସେଡ୍ ନିର୍ମାଣ କରାଯିବ। ଫୁଡ୍ ଇନ୍ସପେକ୍ଟରଙ୍କ ଦ୍ୱାରା ଖାଦ୍ୟ ଓ ଟିଫିନ୍ ଷ୍ଟଲ୍ ଗୁଡ଼ିକୁ ଯାଞ୍ଚ ହେବ। ଯାତ୍ରା ପଡ଼ିଆକୁ ଆଲୋକ ଏବଂ ପାଣି ବ୍ୟବସ୍ଥା କରାଯିବା ସହିତ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରାଯିବ। ଫୁଲବାଣୀ ସହରର ସମସ୍ତ ରାସ୍ତା ମରାମତି କରିବା ସହିତ ଆଇନଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସୁବ୍ୟବସ୍ଥା କରାଯିବା ଉପରେ ବୈଠକରେ ନିଷ୍ପତି ହୋଇଛି । ସେହିପରି ଠାକୁରାଣୀଙ୍କ ପରିଦର୍ଶନ ପାଇଁ ତାରିଖ ନିର୍ଦ୍ଧାରଣ କରାଯିବା, ପରିମଳ ବ୍ୟବସ୍ଥା, ଗାଡ଼ି ପାର୍କିଂ ସ୍ଥାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ମଦ ଓ ନିଶା ଦ୍ରବ୍ୟର ନିୟନ୍ତ୍ରଣ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ନିୟନ୍ତ୍ରଣ କକ୍ଷ, ବଜାର ଦର ନିୟନ୍ତ୍ରଣ, ପାଣ୍ଠି ସଂଗ୍ରହ ଏବଂ ସ୍ୱେଚ୍ଛାସେବୀମାନଙ୍କ ପାଇଁ ପରିଚୟ ପତ୍ର ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସମସ୍ତ ବିଭାଗୀୟ ସରକାରୀ ଅଧିକାରୀ, ମା' ନାରାୟଣୀ ଯାତ୍ରା କମିଟି ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଶେଷ ଦିନରେ ବାଲିଗୁଡ଼ାରୁ ୩ ଓ ଜି.ଉଦୟଗିରିରୁ ୨ ନାମାଙ୍କନ ଦାଖଲ

ବାଲିଗୁଡା,୩।୫(ସଞ୍ଜୟ ପାଣିଗ୍ରାହୀ): ବାଲିଗୁଡା ଓ ଜି.ଉଦୟଗିରି ବିଧାନସଭା ଆସନ ନିମନ୍ତେ ଶୁକ୍ରବାର ଶେଷ ଦିନ ନାମାଙ୍କନ ପତ୍ର ଦାଖଲ ଥିଲା। ଶେଷ ଦିନରେ ବାଲିଗୁଡାରୁ ୩ ଜଣ ପ୍ରାର୍ଥୀ ଓ ଜି.ଉଦୟଗିରି ଆସନ ନିମନ୍ତେ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବାଲିଗୁଡାରୁ ଭାଜପା ଦଳର ପ୍ରାର୍ଥିନୀ କଳ୍ପନା କହଁର ଶୁକ୍ରବାର ହନୁମାନ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ଏବଂ ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଡା ରୀନା ପ୍ରଧାନଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟସିଂ ମଳିକ ଓ ଅଜୟ କୁମାର ମଳିକ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଜି.ଉଦୟଗିରି ଆସନ ନିମନ୍ତେ ଶୁକ୍ରବାର ଦୁଇଜଣ ପ୍ରାର୍ଥୀ ଭାଜପାର ମାନ ଗୋବିନ୍ଦ ପ୍ରଧାନ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ ସଂଜୟ କୁମାର ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଏଡିଏମ କନ୍ଧମାଳ ଅଶୋକ କୁମାର ଭୋଇ ଦାୟିତ୍ୱରେ ରହିଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର



ପାରଳାଖେମୁଣ୍ଡି, ୩।୫ (ଗିରିଧାରୀ ପରିଛା)

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗଜପତି ଜିଲା ଗସ୍ତକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆସନ୍ତାକାଲି ସନ୍ଧ୍ୟା ୫ଟା ସମୟରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ନିର୍ବାଚନୀ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୁପ୍ରିମୋଙ୍କ ଆଗମନକୁ ନେଇ ଦଳୀୟ କର୍ମୀ ଓ ନେତା ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଏହାର ସୁବନ୍ଦୋବସ୍ତ ପାଇଁ ବିଭିନ୍ନ ସ୍ତରରେ ତତ୍ପରତା ଦେଖାଦେଇଛି। ଗଜପତି ଷ୍ଟାଡିୟମଠାରେ ମଣ୍ଡପଠାରୁ ଆରମ୍ଭ କରି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ ଓ ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ସମଗ୍ର ଜିଲାରୁ ପ୍ରାୟ ୩୦ ହଜାର ଲୋକଙ୍କ ସମାବେଶ ହେବାର ସୂଚନା ମିଳୁଛି ।

# ଆରଟିଓ ଏକାଦଶକୁ କେଏସ୍‌ୟୁବି ହରାଇଲା



ଭଞ୍ଜନଗର,୩।୫(ବାବୁଲା ପ୍ରଧାନ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶୁକ୍ରବାର ଭଞ୍ଜନଗର ଆଞ୍ଚଳିକ ପରିବହନ କର୍ମଚାରୀ ଏକାଦଶ ଏବଂ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା । ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କେଏସ୍‌ୟୁବି ଏକାଦଶ ବିଜୟୀ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଆରଟିଓ ଶୁଭେନ୍ଦୁ ରଞ୍ଜନ ରାୟକ, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ପରିଚାଳନା କରିବାରେ ଅଧ୍ୟାପକ ସୁନିଲ ଦାସ, ଅମିୟ ରଞ୍ଜନ ପଣ୍ଡା,କର୍ମଚାରୀ ବିନାୟକ ପ୍ରଧାନ, ପି.ରମେଶ ପ୍ରମୁଖ ସହଯୋଗ କରିଥିଲେ ।

# ୮୫ ଗ୍ରାମ ସୁନା, ବାଇକ ଜବତ, ୨ ଗିରଫ



ପାରଳାଖେମୁଣ୍ଡି, ୩।୫ (ଗିରିଧାରୀ ପରିଛା) ଗଜପତି ଜିଲା ଗୋସାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଥାନା ପୋଲିସକୁ ବଡ ସଫଳତା ମିଳିଛି। ସୁନା ଚୋରି ଘଟଣାରେ ୨ ଜଣକୁ ଗିରଫ କରିବା ସହ ୮୫ ଗ୍ରାମ ସୁନା ଓ ଗୋଟିଏ ବାଇକ ଜବତ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ମାଧବାନନ୍ଦ ନାୟକ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡିଛି। ସେମାନେ ହେଲେ ସୁଜିତ କୁମାର ପାଢୀ, ବାଳକୃଷ୍ଣ ସାହୁ। ଏହି ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବ୍ରହ୍ମପୁର, ଚିକିଟି, ଆନ୍ଧ୍ରର ଇଚ୍ଛାପୁର, ପଲାସା, ଗଜପତି ଜିଲାର କାଶୀନାଗର, ଗୁରାଣ୍ଡି ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ଚୋରି କରୁଥିବା ପୁଲିସକୁ ସୂଚନା ମିଳିଥିଲା। ଗତ ଅକ୍ଟୋବର ମାସରୁ ଗଜପତି ଜିଲାର ବିଭିନ୍ନ ଥାନାରେ ୭ଟି ମାମଲା ରୁଜୁ ହୋଇଛି। ମୁଖ୍ୟତଃ ଏହି ଦୁଇ ଅପରାଧୀ ଏକୁଟିଆ ଯାଉଥିବା ମହିଳାଙ୍କୁ ଟାର୍ଗେଟରେ ରଖୁଥିଲେ। ବାଇକରେ ଯାଇ ବେକରୁ ଚେନ, କାନରୁ ରିଙ୍ଗ ଇତ୍ୟାଦି ଛଡାଇ ନେଉଥିଲେ। ଗତ ୨ଦିନ ତଳେ ଗୋଟେ ବାଇକକୁ ସନ୍ଦେହରେ ଧରିବା ବେଳେ ଦୁଇଜଣ ଅଭିଯୁକ୍ତ ଧରାପଡିଥିଲେ। ଏମାନଙ୍କ ନାଁରେ ଗଞ୍ଜାମ, ଗଜପତି, ଆନ୍ଧ୍ରପ୍ରଦେଶର ପଳାସା, ଇଚ୍ଛାପୁର ଭଳି ବିଭିନ୍ନ ଥାନାରେ ୧୬ଟି ମାମଲା ରୁଜୁ ହୋଇଛି। ଶୁକ୍ରବାର ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

# ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମ୍ନମାନର, ଅଧାରୁ ଭୁଶୁଡ଼ିଲା ପୁନାଦି

ଗଞ୍ଜାମ,୩।୫(ବିଦ୍ୟାଧର ସାହୁ):

ରାଜ୍ୟ ସରକାର ସାଧାରଣ ଜନତାଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉକ୍ତ ଅର୍ଥ ଠିକ କାର୍ଯ୍ୟରେ ନଲାଗି ଆତ୍ମସାତ ହେଉଥିବା ନଜରକୁ ଆସୁଛି। ଯାହାକୁ ନେଇ ଉକ୍ତ ପ୍ରକଳ୍ପ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହାର ଏକ ନଗ୍ନଚିତ୍ର ଗଞ୍ଜାମ ସହରରେ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ ଯୋଜନା ଆରମ୍ଭ ହେବା ପରେ ଲୋକମାନେ ଯିବା ଆସିବା କରିବା ପାଇଁ ଯାତ୍ରୀମାନଙ୍କ ନିମନ୍ତେ ୭ଲକ୍ଷ ବ୍ୟୟରେ ଗଞ୍ଜାମ ସହର ତ୍ରିବେଣୀ ମଠ ଛକ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଯାତ୍ରୀ ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଗୋଟିଏ ପାର୍ଶ୍ୱରେ ତାର ପୁନାଦି ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଏନଏସିରେ ବ୍ୟାପକ ପିସି କାରବାର ହେଉଥିବା ଯୋଗୁଁ ସହରରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକ ନିମ୍ନମାନର ହେଉଥିବା ସହରରେ ଚର୍ଚ୍ଚା ହେଉଛି। ଠିକାଦାର ଜନ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏପରି ହେଉଥିବା ନେଇ ସହରରେ ଆଲୋଚନା ହେଉଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏନେଇ ଗଞ୍ଜାମ ଏନଏସି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ସେ ଏହି ବିଷୟରେ ଜାଣି ନଥିବା କହିଛନ୍ତି। ଅନ୍ୟପଟେ ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି କହିଛନ୍ତି ଉକ୍ତ ଯାତ୍ରୀ ବିଶ୍ରାମାଗାର ଯେଉଁଭଳି ଭାବେ ନିର୍ମାଣ କରାଯାଉଛି ତାହା ଯାତ୍ରୀଙ୍କ କୌଣସି କାର୍ଯ୍ୟରେ ଆସିବନି, ତାହା ବର୍ଷାକୁ କିମ୍ବା ଖରାକୁ କାମରେ ଆସିବନି ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ଏହି ଏନଏସି ଦଶବର୍ଷ ତଳକୁ ଖସି ଯାଇଥିବା କହିଛନ୍ତି।




କବିସୂର୍ଯ୍ୟନଗର ଭାଜପା ପ୍ରାର୍ଥୀ ପ୍ରତାପ ନାୟକ ନାମାଙ୍କନ ଦାଖଲ କରୁଛନ୍ତି।


କବିସୂର୍ଯ୍ୟନଗର ବିଜେଡି ବିଧାୟିକା ପ୍ରାର୍ଥୀ ଲତିକା ପ୍ରଧାନ ନାମାଙ୍କନ ଦାଖଲ କରୁଛନ୍ତି।


ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ ନାମାଙ୍କନ ଦାଖଲ କରୁଛନ୍ତି।

# ଅନ୍ତିମ ଦିନରେ ୧୫ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଛତ୍ରପୁର, ୩।୫ (ଦିଲୀପ ସାମଲ) :**

ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନ ଶୁକ୍ରବାରରେ ୧୫ ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସିକା ଲୋକସଭା ଆସନ ପାଇଁ ଜଣେ, ହିଞ୍ଜିଳିକାଟୁ ଓ କବିସୂର୍ଯ୍ୟନଗର ବିଧାନସଭା ଆସନ ପାଇଁ ୪ ଜଣ ଲେଖାଁଏ, ପୋଲସରା ବିଧାନସଭା ଆସନ ନିମନ୍ତେ ୩ ଜଣ, ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ୨ ଜଣ ଏବଂ ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସିକା ଲୋକସଭା ଆସନ ନିମନ୍ତେ କଳିଙ୍ଗ ସେନା ପକ୍ଷରୁ ଗୌରୀଶଙ୍କର ଗୌଡ ରିଟର୍ନିଂ ଅଫିସର ତଥା ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୋଲସରା ବିଧାନସଭା ଆସନ ନିମନ୍ତେ ଭାଜପା ପକ୍ଷରୁ ଗୋକୁଳାନନ୍ଦ ମଲ୍ଲିକ, ମାନସ ଲୋକଶକ୍ତି ଦଳ ପକ୍ଷରୁ ବଚନ ନାହାକ ଓ ଓଡିଶା ଜନତା ପାର୍ଟି ପକ୍ଷରୁ ଉତ୍ତମ କୁମାର ଭୂୟାଁ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କବିସୂର୍ଯ୍ୟନଗର ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ଲତିକା ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ଗୋପାଳ ଦାସ, ଚିରଞ୍ଜିବୀ ବିଶୋଇ ଓ ଅରୁଣ ବିଶୋଇ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସାନଖେମୁଣ୍ଡି ବିଧାନସଭା ଆସନ ନିମନ୍ତେ ନବ ନିର୍ମାଣ କୃଷକ ସେବା ପକ୍ଷରୁ ସୁରେନ୍ଦ୍ର ନାୟକ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ଦେବବ୍ରତ ସାହୁଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହିଞ୍ଜିଳି ବିଧାନସଭା ନିମନ୍ତେ ଆମ ଆଦମୀ ପାର୍ଟି ଦଳ ପକ୍ଷରୁ ଭଞ୍ଜରାମ ସାବତ, ସ୍ୱାଧୀନ ଭାବେ ଏସ.ଲକ୍ଷ୍ମୀ ଆଚାରୀ, ରାମନାରାୟଣ ବିଶେଶ ରାୟ ଓ ସବିତା କୁମାରୀ ସାହୁ ଛତ୍ରପୁରର ଅତିରିକ୍ତ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ପାର୍ଥସାରଥି ହାଂସଦାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଖଲ୍ଲିକୋଟ ବିଧାନସଭା ଆସନ ନିମନ୍ତେ ବିଜେଡି ପକ୍ଷରୁ ସୂର୍ଯ୍ୟମଣୀ ବୈଦ୍ୟ ଓ ମାନ ଲୋକଶକ୍ତି ଦଳ ପକ୍ଷରୁ ମୋହନ ଦାସ ରିଟର୍ନିଂ ଅଫିସର ତଥା ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।


ବିକ୍ରମ କେଶରୀ ଆରୁଖ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

# ବିରାଟ ଶୋଭାଯାତ୍ରାରେ ଆସି ବିକ୍ରମ ପ୍ରାର୍ଥିପତ୍ର ଦାଖଲ କଲେ

**ଭଞ୍ଜନଗର,୩।୫(ବାବୁଲା ପ୍ରଧାନ):**

ଭଞ୍ଜନଗର ବିଜେଡ଼ି ବିଧାୟକ ପ୍ରାର୍ଥୀ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଭଞ୍ଜନଗର ପୁରୁଣା ଫାୟାର ଷ୍ଟେଶନ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହାପରେ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ସମୟରେ ବିଜେଡ଼ିର ଆଗ ଧାଡ଼ିର ନେତାମାନେ ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ ସମୟରେ କନ୍ଧମାଳ ଏମପି ପ୍ରାର୍ଥୀ ଡ଼.ଅଚ୍ୟୁତ୍ ସାମନ୍ତ, ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା, ଏମପି ପ୍ରତିନିଧି ବିପ୍ର ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନିକଟରେ ଭାଜପାରୁ ଇସ୍ତଫା ଦେଇଥିବା କବିରାଜ ବେହେରା ଆଜି ଆପ୍‌ରୁ ଭଞ୍ଜନଗର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହ ଆଜି ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସରେ ଭଞ୍ଜନଗର ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ଡ଼ମି ପ୍ରାର୍ଥୀ ଭାବେ ବିଷ୍ଣୁ ପ୍ରଧାନ, ବିଜେଡ଼ିର ଡ଼ମି ପ୍ରାର୍ଥୀ ଭାବେ ଜିତେନ୍ଦ୍ର କେଶରୀ ଆରୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଶିକ୍ଷକଙ୍କ ପରଲୋକ

**ଆସିକା,୩।୫(ସୁରେନ୍ଦ୍ର ନାଥ ସାହୁ)**

ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ହିନ୍ଦୀ ଶିକ୍ଷକ ସୁଧୀର କୁମାର ପାଣିଗ୍ରାହୀଙ୍କ ଗୁରୁବାର ରାତିରେ ଆସିକା କଲେଜ ଛକ ମହାରଣା କଲୋନୀସ୍ଥିତ ନିଜବାସଭବନରେ ପରଲୋକ ଘଟିଛି। ସେ ଗତ ୨୭ବର୍ଷ ଧରି ଶିଶୁ ମନ୍ଦିରରେ କାର୍ଯ୍ୟରତ ଥିଲେ। ଗୁରୁବାର ରାତିରେ ଖାଇପିଇ ଶୋଇଥିଲେ। ଶୁକ୍ରବାର ସକାଳେ ଶେଜରୁ ଆଉ ଉଠି ନ ଥିଲେ । ଏହା ହୃଦଘାତଜନିତ ମୃତ୍ୟୁ ବୋଲି ଆଶଙ୍କା କରାଯାଇଛି । ଖବରପାଇ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି, ସ୍ୱଦେଶ ଦଳାଇ, ପରିଚାଳନା କମିଟି ସଂପାଦକ ପ୍ରସନ୍ନ ପ୍ରଧାନ, ନାଗେଶ୍ୱର ପାତ୍ର, ଦୁର୍ଗାପ୍ରସାଦ ଆଚାରୀ, ଭଞ୍ଜ ସେଠୀ ପ୍ରମୁଖ ପରଲୋକଗତ ଶିକ୍ଷକଙ୍କ ଘରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଶିକ୍ଷକଙ୍କ ମୃତ୍ୟୁରେ ଛାତ୍ରୀଛାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୁକ୍ରବାର ଉକ୍ତ ଶିଶୁ ମନ୍ଦିରର ଶିକ୍ଷାଦାନ ବ୍ୟବସ୍ଥା ବନ୍ଦ କରାଯାଇଥିଲା।

# ବାଲିସିରା, ନିମିନା ପଞ୍ଚାୟତରେ ବିଜେଡିର ପ୍ରଚାର



ବିଧାୟିକା ଗ୍ରାମ ପରିକ୍ରମା କରୁଛନ୍ତି।

**ଆସିକା,୩।୫ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକ ବାଲିସିରା ଓ ନିମିନା ପଞ୍ଚାୟତରେ ଶୁକ୍ରବାର ବିଜେଡି ବିଧାୟିକା ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ତାଙ୍କୁ ଓ ଏମପି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ବାଲିସିରା ପଞ୍ଚାୟତ ଖୁଣ୍ଟଖୁଣ୍ଟାପଲ୍ଲୀ, ସାପୁଆପଲ୍ଲୀ, କନ୍ଧଶୁନ୍ଦରାପଲ୍ଲୀ, ନଣ୍ଡାଜୁଆଳି ଓ ବାଲିସିରା ଏବଂ ନିମିନା ପଞ୍ଚାୟତର ବଳରାମପଲ୍ଲୀ, ଖଣ୍ଡରାବଳି, ନିମିନା, ମହାନିମ୍ବପଲ୍ଲୀ, ଶୁଣ୍ଡିପଲ୍ଲୀ ଆଦି ଗ୍ରାମରେ ବିଜେଡିର ପ୍ରଚାର କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଭଗବାନ ସାହୁ, ଶିବ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଭବାନୀ ଶଙ୍କର ମଳିକ, ବିଦ୍ୟାନ୍ତ ଚର୍ଚ୍ଚି, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରା, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

## ଏମ୍‌କେସିଜିରେ ଶିଶୁଙ୍କୁ ଦିଆଗଲା ଏକ୍ସପାଏରି ଔଷଧ

**ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ):**

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଥିବା ଅଭିଯୋଗ ଆସିଛି। ଏହାକୁ ନେଇ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକ ଛୋଟ ଶିଶୁକୁ ଏକ୍ସପାଏରୀ ଔଷଧ ଦିଆଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏଥିପାଇଁ ନିରାମୟ କେନ୍ଦ୍ରର କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ପରିବାର ଲୋକେ ଦାୟୀ କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ ବ୍ରାହ୍ମଣଶାସନ ଗ୍ରାମର ହରିକୃଷ୍ଣ ଶତପଥୀଙ୍କର ୪ ବର୍ଷର ପୁଅର କାଶ ହେଉଥିବାରୁ ତାକୁ ଧରି ସେ ଶୁକ୍ରବାର ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ଡାକ୍ତର ଦେଖିବା ପରେ ତାଙ୍କ ଲେଖିବା ପ୍ରକାରେ ଔଷଧ ଆଣିବା ପାଇଁ ହରିକୃଷ୍ଣ ନିରାମୟ କେନ୍ଦ୍ରର ୬ନଂ. କାଉଣ୍ଟରକୁ ଯାଇଥିଲେ । ସେଠାରୁ ଔଷଧ ନେଇ ଘରକୁ ଯାଇ ଅପରାହ୍ନରେ ପୁଅକୁ ନିରାମୟରୁ ଆଣିଥିବା ଡୋମ୍ପେରିଡୋନ ସିରାପ ଔଷଧ ଖୁଆଇବା ବେଳେ ବୋତଲରେ ଏକ୍ସପାଏରି ତାରିଖ ସରିଯାଇଥିବା ଦେଖିଥିଲେ। ଔଷଧଟି ୨୦୨୧ ଡିସେମ୍ବରରେ ପ୍ରସ୍ତୁତ ହୋଇଥିବା ବେଳେ ଏକ୍ସପାଏରି ୨୦୨୩ ନଭେମ୍ବର ଲେଖାଥିଲା। ଏହାପରେ ହରିକୃଷ୍ଣ ଉକ୍ତ ଔଷଧ ବୋତଲକୁ ଧରି ସନ୍ଧ୍ୟାରେ ପୁଣି ଏମକେସିଜିକୁ ଆସିଥିଲେ। ସେତବେଳକୁ ନିରାମୟ କେନ୍ଦ୍ର ୬ ନଂ କାଉଣ୍ଟର ବନ୍ଦ ହୋଇସାରିଥିଲା । ଖୋଲା ଥିବା ୧ ନଂ କାଉଣ୍ଟରକୁ ଯାଇ ପଚାରିବାରୁ ତାଙ୍କୁ ଠିକ ଉତ୍ତର ମିଳି ନ ଥିଲା । ଘଟଣା ସମ୍ପର୍କରେ ଏମକେସିଜିର ଷ୍ଟୋର ମେଡିକାଲ ଅଫିସର ଡା. ଚିନ୍ମୟ ଦେବାଶିଷ ପଣ୍ଡାଙ୍କୁ ପଚରାଯିବାରେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ପ୍ରଚାର ଜୋରଦାର

**ବ୍ରହ୍ମପୁର,୩।୫(ନରସିଂହ ସାହୁ)**

ଆଉ ମାତ୍ର ୧୦ ଦିନ ପରେ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ ଭୋଟର। ଗଞ୍ଜାମ ଜିଲାର ପ୍ରମୁଖ ବିଧାନସଭା କ୍ଷେତ୍ର ବ୍ରହ୍ମପୁରରେ ପ୍ରାର୍ଥୀମାନଙ୍କ ପ୍ରଚାର ଜୋରଦାର ହୋଇଛି। ଅସହ୍ୟ ତାତି ଓ ଗୁଳୁଗୁଳିକୁ ଖାତିର ନ କରି ପ୍ରାର୍ଥୀମାନେ ସାହିକୁ ସାହି ବୁଲି ଭୋଟରଙ୍କ ସହ ସମ୍ପର୍କ ଯୋଡୁଛନ୍ତି। ବିଜେଡି ନବୀନ ସରକାରଙ୍କ ଦୀର୍ଘ ବର୍ଷର ଶାସନରେ ହୋଇଥିବା ବିକାଶର ବାର୍ତ୍ତା ବାଣ୍ଟୁଥିବା ବେଳେ ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ମୋଦି ଗ୍ୟାରେଣ୍ଟିକୁ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି। କଂଗ୍ରେସ ମଧ୍ୟ ରାହୁଲ ଗାନ୍ଧୀଙ୍କ ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟିକୁ ଆୟୁଧ କରିଛି। ଏଠାରେ ୧୭ ଜଣ ନିର୍ବାଚନ ଲଢୁଥିଲେ ମଧ୍ୟ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି। ବିଜେଡି ପ୍ରାର୍ଥୀ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଭାଜପାର କେ. ଅନିଲ କୁମାର କଡ଼ା ଟକ୍କର ଦେଉଛନ୍ତି। ଶୁକ୍ରବାର ଭାଜପା ପ୍ରାର୍ଥୀ ବିଭିନ୍ନ ୱାର୍ଡ ବୁଲି ମାରାଥନ ପ୍ରଚାର କରିଥିଲେ। ଛକଗୁଡିକରେ ପଥପ୍ରାନ୍ତ ସଭା କରି ବିଜେଡି ସରକାର ବିରୋଧରେ ଗର୍ଜିଥିଲେ। ବିକାଶ ପାଇଁ ମିଳୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପୁଳ ଅନୁଦାନକୁ ଶାସକ ଳ ନେତା ଓ କର୍ମୀ ମିଳିମିଶି ଚଳୁ କରୁଥିବା ଅଭିଯୋଗ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିଲେ ବ୍ରହ୍ମପୁର ବିକଶିତ ମହାନଗର ହେବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଟି.ଗୋପି, ଜଗଦୀଶ ରାଓ, ଅଶୋକ ଶୁକ୍ଳ, ବଦ୍ରି ନାୟକ, ବିଷ୍ଣୁ ସୁବୁଦ୍ଧିଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ପୂର୍ବରୁ ୫ଥର ବିଧାୟକ ହୋଇଥିବା ଚ୍ୟାଉ ପଟ୍ଟନାୟକ ପୁଣି ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସେ ପ୍ରଚଣ୍ଡ ଗରମରେ ପ୍ରଚାର କରୁଛନ୍ତି। ନବୀନ ପଟ୍ଟନାୟକ ରାଜ୍ୟରେ ସୁଶାସନ ଦେବାର ଦର୍ଶାଇ ଭାଜପାକୁ ବିଭିନ୍ନ ଭାବରେ ଟାର୍ଗେଟ କରୁଛନ୍ତି। ତାଙ୍କ ପ୍ରଚାରରେ ମେୟର ସଂଘମିତ୍ରା ଦଳେଇ, ସୁବାସ ମହାରଣା, ମୁରଲୀ ମୋହନ, ଜଗନ୍ନାଥ ସାବତ, ମମତା ବିଶୋୟୀ, କେତେକ କର୍ପୋରେଟରଙ୍କ ସମେତ ଅନେକ କର୍ମୀ ବୁଲୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଦୀପକ ପଟ୍ଟନାୟକ ମଧ୍ୟ ପ୍ରଚାର ଚଳାଇଛନ୍ତି। ହାତ ଦଳର ପ୍ରଚାରରେ ଭାଜପା ଓ ବିଜେଡି ଶାସନକୁ ଟାର୍ଗେଟ କରି ଭୋଟ ମାଗୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଶିବ ଶଙ୍କର ଦାସ ଉପରୋକ୍ତ ୩ ଦଳକୁ କଡ଼ା ସମାଲୋଚନା କରି ଦିନରାତି ପ୍ରଚାର ଚଳାଇଛନ୍ତି।

# ମା' ଶୁଳାବଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଚାହାଳି ଚାମ୍ପିୟନ

**ଭଞ୍ଜନଗର,୩।୫(ବାବୁଲା ପ୍ରଧାନ)**

ଭଞ୍ଜନଗର ବ୍ଲକ ରାଇଗୋଛା ଠାରେ ଚାଲିଥିବା ମା' ଶୁଳାବଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲା ଚାହାଳି କ୍ରିକେଟ କ୍ଲବ ଭଞ୍ଜନଗର ବ୍ଲକ ରମ୍ଭା କ୍ରିକେଟ କ୍ଲବକୁ ୫ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ରମ୍ଭା ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୧ ଓଭରରେ ୧୦୪ ରନ୍ ସଂଗ୍ରହ କରିଥିଲା। ଚାହାଳି ଦ୍ୱିତୀୟ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଜଗଦିଶ୍ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗଞ୍ଜାମ ଜିଲା ବିଜେଡ଼ି ଉପ ସଭାପତି ରାଜ କୁମାର ସାହୁ, ଗାଲେରୀ ସରପଞ୍ଚ ପ୍ରତିନିଧି ଶଙ୍କର୍ଷଣ ମହାରଥା, ଚନ୍ଦ୍ରକାନ୍ତ ଗୌଡ଼,ପାଣ୍ଡୁ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗେଶ ଗୌଡ଼, ଯୋଗେଶ ନାୟକ ଆମ୍ପାୟର ଥିବାବେଳେ ଜିତେନ୍ଦ୍ର ସେଠୀ, ରାଜୀବ ନାୟକ,ସମୀର ସାହୁ, ଜିତେନ୍ଦ୍ର ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ହିଞ୍ଜିଳିକାଟୁ,୩।୫(ଦ୍ୱିତୀକୃଷ୍ଣ ପଣ୍ଡା):**

ହିଞ୍ଜିଳି ଥାନା ରାମଚନ୍ଦ୍ରପୁର ଗ୍ରାମର ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ ଥାନା ପାଚିଡ଼ି ଗ୍ରାମର ସ୍ୱର୍ଗତ ଲଡୁ ଗୌଡଙ୍କ ଏକମାତ୍ର ପୁଅ ଟୁବୁଲା ଗୌଡ(୧୨)। ଖରାଛୁଟିରେ ବୁଲିବା ପାଇଁ ଟୁବୁଲା ଓ ତାଙ୍କ ମାଉସୀଙ୍କ ପୁଅ ଶେରଗଡ ଥାନା ତାକରଡା ଗ୍ରାମର ବାଦଲ ଗୌଡ(୧୪)ଙ୍କ ସହ ହିଞ୍ଜିଳି ଥାନା ରାମଚନ୍ଦ୍ରପୁରକୁ ମାମୁଘରକୁ ବୁଲିବାକୁ ଆସିଥିଲେ। ଗୁରୁବାର ସକାଳେ ଉଭୟେ ଗ୍ରାମ ନିକଟସ୍ଥ ଦେଉଳବନ୍ଧକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତାବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ପୋଖରୀ ନିକଟରେ ଥିବା କେତେଜଣ ଲୋକ ଏହା ଦେଖି ୨ ନାବାଳକ ଦ୍ୱୟଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଟୁବୁଲାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# କାଳବୈଶାଖୀରେ ମତ୍ସ୍ୟଜୀବୀଙ୍କ ବ୍ୟାପକ କ୍ଷତି


କ୍ଷତିଗ୍ରସ୍ତ ଡଙ୍ଗା।

**ରମ୍ଭା,୩।୫(ବନବାସୀ ସେଠୀ)**

କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ପବନରେ ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀମାନଙ୍କ ବ୍ୟାପକ କ୍ଷତି ହୋଇଛି। ଗତ ୩୦ ତାରିଖ ରାତିରେ ହୋଇଥିବା ବର୍ଷା ପବନରେ କୁମରପୁର, ପୁରୀ ମତ୍ସ୍ୟଜୀବୀମାନଙ୍କ ବହୁତ ଡଙ୍ଗା ଭାଙ୍ଗି ଚୂରମାର ହୋଇଯାଇଛି । ଚିଲିକା ପାଖରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ଘର ନଷ୍ଟ ହୋଇଛି। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ସାମାଜିକ କର୍ମୀ ଅଭିଷେକ ମିଶ୍ରଙ୍କ ସହ ଅନେକ ସଦସ୍ୟ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହା ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ବିପନ୍ନ ହୋଇଥିବା ବେଳେ ତୁରନ୍ତ କ୍ଷୟକ୍ଷତିକୁ ଭରଣା କରିବାକୁ ମତ୍ସ୍ୟଜୀବୀ ସଂଘ ଦାବି କରିଛି।

# ମଧୁସୂଦନ ନିର୍ମାଣ ମଜଦୁର ସଂଘର ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବେଲଗୁଣ୍ଠା,୩।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**

ଶ୍ରମିକ ଦିବସ ଅବସରରେ ମଧୁସୂଦନ ନିର୍ମାଣ ମଜଦୁର ସଂଘର ବୈଠକ ଗୋବରାଠାରେ ଅନୁଷ୍ଠିତ ହୋଇଛି। ଅନେକ ଦିନର ସାଙ୍ଗଠନିକ ପ୍ରସ୍ତୁତି ସହିତ ସଦ୍ୟ ପଞ୍ଜୀକୃତ ହୋଇଥିବା ଉକ୍ତ ସଂଗଠନ ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର, ସାମୂହିକ ସ୍ୱାର୍ଥ ଓ ରାଷ୍ଟ୍ର ଗଠନର ସହଭାଗିତା ଆଦି ବିଷୟ ଏଥିରେ ଆଲୋଚନା ହୋଇଥିଲା। ସଂଗଠନର ସଭାପତି ବାହାନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ମୁଖ୍ୟବକ୍ତା ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ସଭାପତି ସଚିନ ମହାପାତ୍ର, ଉପଦେଷ୍ଟା ଆଇନଜୀବୀ ସନ୍ତୋଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅଜିତ ପ୍ରସାଦ ଲେଙ୍କା, ସନ୍ତୋଷ କୁମାର ସ୍ୱାଇଁ, ରେଣ୍ଟଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିଅ, ଲୁଲୁ ମହାପାତ୍ର, ଗୋପାଳ ଚନ୍ଦ୍ର ଲେଙ୍କା, ପିତାମ୍ବର ପରିଡା, ବୈଦ୍ୟନାଥ ତ୍ରିପାଠୀ, କୁନା ପରିଡା, ଘନଶ୍ୟାମ ମଳିକ, ଶଙ୍କର ନାୟକ, ସନାତନ ମହାନ୍ତି, ନାରାୟଣ ସ୍ୱାଇଁ, ରବୀନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ମତ ରଖିଥିଲେ। ଶ୍ରମିକମାନଙ୍କ ସାମୂହିକ ସ୍ୱାର୍ଥ ଓ ନୀତିଗତ ଅଧିକାର ଉପରେ ଆଗାମୀ ଦିନରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଗଠନ କାର୍ଯ୍ୟକର୍ତ୍ତା ମତ ରଖିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଓଁ ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ବନାମ ଗୁଜରାଟ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଜୟ ଲକ୍ଷ୍ୟରେ ଆରସିବି, ଗୁଜରାଟ

**ବେଙ୍ଗାଲୁରୁ, ୩।୫ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇଟି ଯାକ ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ତେଣୁ ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଆଗାମୀ ମ୍ୟାଚରେ ଉଭୟ ଦଳକୁ ବିଜୟ ଲକ୍ଷ୍ୟରେ ଖେଳିବାକୁ ହେବ। ଆରସିବି ୧୦ ମ୍ୟାଚରୁ ମାତ୍ର ୬ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ସେହିପରି ଟାଇଟନ୍ସ ସମାନ ମ୍ୟାଚରୁ ୮ ପଏଣ୍ଟ ପାଇ ୮ମ ସ୍ଥାନ ପାଇଛି। ଚଳିତ ସିଜନରେ ଅନ୍ୟ କିଛି ଦଳର ପ୍ରଦର୍ଶନରେ ମଧ୍ୟ ସ୍ଥିରତା ରହିନାହିଁ। ଫଳରେ ଗୁଜରାଟ ଓ ଆରସିବି ପାଇଁ ଆଗକୁ ବଢ଼ିବାକୁ କ୍ଷୀଣ ଆଶା ଅଛି। ଆଇପିଏଲ୍ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅନ୍ୟ କୌଣସି ଦଳର ଫଳାଫଳକୁ ଦେଖିବା ଅପେକ୍ଷା ଏବେ ଉଭୟ ଆରସିବି ଓ ଗୁଜରାଟ ନିଜର ବିଜୟ ଉପରେ ଫୋକସ କରୁଛନ୍ତି।

ତୁଳନାତ୍ମକଭାବେ ଦେଖିବାକୁ ଗଲେ ଗୁଜରାଟ ଅପେକ୍ଷା ଆରସିବିର ପଲା ଭାରି ରହିଛି। କାରଣ ଏହି ଦଳ କ୍ରମାଗତ ୨ଟି ବିଜୟ ପରେ ଏହି ମ୍ୟାଚ ଖେଳିବାକୁ ଯାଉଛି। ପୂର୍ବ ମ୍ୟାଚରେ ଗୁଜରାଟକୁ ପରାସ୍ତ କରିଥିବାରୁ ଦଳର ମନୋବଳ ମଧ୍ୟ ଦୃଢ଼ ରହିଛି। ୱିଲ୍ ଜ୍ୟାକ୍ସ ଦଳର ନୂଆ ହିରୋଭାବେ ଉଭା ହୋଇଛନ୍ତି। କାମେରନ ଗ୍ରୀନ୍ ମଧ୍ୟ ଗତ ୨ ମ୍ୟାଚରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଛନ୍ତି। ଟପ୍ ଅର୍ଡରରେ ବିରାଟ କୋହଲି କ୍ରମାଗତ ରନ ସଂଗ୍ରହ କରି ଚାଲିଛନ୍ତି। ପ୍ରଥମ ଖେଳାଳିଭାବେ ସେ ଚଳିତ ସିଜନରେ ୫୦୦ ରନ ପୂରଣ କରିଛନ୍ତି। ମହମ୍ମଦ ସିରାଜ, ଯଶ ଦୟାଲ, କର୍ନ ଶର୍ମା ଓ ସ୍ୱପ୍ନିଲ ସିଂଙ୍କ ପରି ବୋଲରଙ୍କଠାରୁ ଦଳ ଅଧିକ ଏକାଗ୍ରତା ଆବଶ୍ୟକ କରୁଛି। ଅନ୍ୟପକ୍ଷରେ ଗୁଜରାଟ କ୍ରମାଗତ ୨ ପରାଜୟ ପରେ ଆଗାମୀ ମ୍ୟାଚ ଖେଳିବ। ଶୁବମନ ଗିଲ୍ ଓ ଭରଦ୍ୱାଜ ସାଇ ସୁଦର୍ଶନ ଦଳପାଇଁ ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି।



ଶୁବମନ ଗିଲ୍ ଓ ଫାଫ ଡୁପ୍ଲେସି।




CLASSIFIED DISPLAY
MORE SPACE * SAME PRICE

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଲେଟ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁରୁଣା ଗେଟ୍ ରେଲ୍‌ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ସାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ, ବ୍ୟାଜ୍, ଗାଡ଼ି ମୋବାଇଲ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-୧୬୭, ସେକ୍ଟର ୫, ନୋଏଡ଼ା
9810432170
7606841840

# ବକ୍ସିଂ: ୨୨ ପଦକ ନିଶ୍ଚିତ କଲା ଭାରତ

**ଅଷ୍ଟାନା, ୩।୫ (ପି.ଟି.):** ଏଠାରେ ଚାଲିଥିବା ଏଏସ୍‌ବିସି ଏସିଆନ ୨୨ ବର୍ଷରୁ କମ୍ ଓ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍ ୨୦୨୪ରେ ଭାରତୀୟ ବକ୍ସରମାନେ ବିଭିନ୍ନ କାଟେଗୋରିରେ ୨୨ଟି ପଦକ ପକ୍କା କରିଛନ୍ତି। ବ୍ରିଜେଶ ତମତା ଓ ଆର୍ଯ୍ୟନଙ୍କ ସମେତ ଅନ୍ୟ ୫ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ୨୨ ପଦକ ନିଶ୍ଚିତ କରିଥିବା ବକ୍ସରଙ୍କ ମଧ୍ୟରେ ୧୨ମହିଳା ବକ୍ସର ରହିଛନ୍ତି। ଭାରତର ବ୍ରିଜେଶ ୪୮ କେଜି କାଟେଗୋରିରେ ମଙ୍ଗୋଲିଆର ତାଲାଇବେକ୍ ଇଆସୁରଙ୍କ ବିପକ୍ଷରେ ୫-୦ ସ୍କୋର ଲାଇନ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ସେହିପରି ସର୍ବସମ୍ମତି ନିଷ୍ପତ୍ତିରେ ସାମନ ସ୍କୋର ବ୍ୟବଧାନରେ ରାହୁଲ କୁଣ୍ଡୁ (୭୫କେଜି) ଓ ଆର୍ଯ୍ୟନ (୯୨କେଜି) ଯଥାକ୍ରମେ ଚାଇନାର କାଙ୍ଗିବାଇ ଏର୍ସି ଓ କିରଗିଜସ୍ତାନର ଆଲବାଏଭ ତାଇନିସ୍ତାନଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ କିରଗିଜସ୍ତାନର ସାଦିରୋଭ ଦିଲେରବେକ୍ ଏବଂ ସାଗର ଜାଖର (୬୦କେଜି)ଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡ ମୁକାବିଲାକୁ ରେଫରି ବନ୍ଦ ରଖିବାକୁ ବାଧ୍ୟ ହୋଇଥିଲେ। ଏଥିରେ ଭାରତୀୟ ବକ୍ସରଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସେହିପରି ଆର୍ଯ୍ୟନ (୫୧କେଜି) ଯଶବର୍ଦ୍ଧନ ସିଂ (୬୩.୫କେଜି) ଓ ପ୍ରିୟାଂଶୁ ବିଭାଜିତ ନିଷ୍ପତ୍ତି ରାୟରେ ଜିତି ଭାରତର ବିଜୟ ଧାରାକୁ ଜାରି ରଖିଥିଲେ। ସୁମିତ (୬୭କେଜି) ଓ ସାହିଲ (୮୦କେଜି) ଉଭୟେ ୦-୫ରେ ଯଥାକ୍ରମେ କାଜାଖସ୍ତାନର ସାବିରଖାନ୍ ତୋରେ ଖାନ୍ ଏବଂ କିରଗିଜସ୍ତାନର ଜାକିରୋଭ ମୁଖାମାଦଜିଜଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜ ପାଇଛନ୍ତି। ଧ୍ରୁବ ସିଂ (୮୦କେଜି), ଗୁଞ୍ଜି (୪୮କେଜି) ଓ ପୁନମ (୫୭କେଜି) ୨୨ ବର୍ଷରୁ କମ୍ କାଟେଗୋରୀରେ ଗୁରୁବାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିଥିବା ପ୍ରୀତି (୫୪କେଜି) ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ବିଶ୍ୱନାଥ ସୁରେଶ (୪୮କେଜି) ଅନ୍ୟ ୧୭ ବକ୍ସରଙ୍କ ସହିତ ୨୨ ବର୍ଷରୁ କମ୍ ସେମିଫାଇନାଲରେ ଭାରତର ନେତୃତ୍ୱ ନେବେ।

# ମୁମ୍ବାଇ ଆଶା ଧୂଳିସାତ

**ମୁମ୍ବାଇ, ୩।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୨୪ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ୨ଟି ଯାକ ଦଳ ଅଲ୍‌ଆଉଟ ହୋଇଥିବାବେଳେ ବାଜି ମାରିଥିଲା କୋଲକାତା। ନାଇଟ ରାଇଡର୍ସ ୧୯.୫ ଓଭରରେ ୧୬୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ମୁମ୍ବାଇ ୧୮.୫ ଓଭରରେ ୧୪୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ମୁମ୍ବାଇ ପକ୍ଷରୁ କେବଳ ସୂର୍ଯ୍ୟକୁମାର ଯାଦବ (୫୬ ରନ, ୩୫ ବଲ, ୬ ଚୌକା, ୨ ଛକା) ଓ ଟିମ୍ ଡାଭିଡ୍ (୨୪ ରନ, ୨୦ ବଲ, ୧ ଚୌକା, ୧ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ତିଷ୍ଠିପାରି ନ ଥିଲେ। କୋଲକାତା ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪ଟି ଏବଂ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୧ ମ୍ୟାଚରୁ ୮ମ ପରାଜୟ ଫଳରେ ମୁମ୍ବାଇର ପ୍ଲେ-ଅଫ୍ ଆଶା ଧୂଳିସାତ ହୋଇଛି। ଅନ୍ୟପକ୍ଷରେ କୋଲକାତା ୭ମ ବିଜୟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମୁମ୍ବାଇ ଟସ୍ ଜିତି ଫିଲ୍ଡିଂ ନେବାପରେ ଘାତକ ବୋଲିଂ କରିଥିଲେ ନୁୱାନ ଥୁସାରା। ସେ ଟପ୍ ଅର୍ଡରର ୩ ପ୍ରମୁଖ ବ୍ୟାଟର ଫିଲିପ୍ ସଲ୍ଟ ୫, ଅଙ୍ଗକ୍ରିଶ୍ ରଘୁବଂଶୀ ୧୩ ଓ ଅଧିନାୟକ ଶ୍ରେୟସ ଆୟରଙ୍କୁ ୬ ରନରେ ଆଉଟ କରି କୋଲକାତାକୁ ବ୍ୟାକ୍‌ଫୁଟରେ ପହଞ୍ଚାଇଥିଲେ। ଏହାପରେ ସୁନୀଲ ନାରିନଙ୍କୁ ହାର୍ଦ୍ଦିକ ଓ ରିଙ୍କୁ ସିଂଙ୍କୁ ପୀୟୂଷ ଚାୱଲା ପ୍ୟାଭିଲିୟନ ପଠାଇବାରୁ ୬.୧ ଓଭର ବେଳକୁ କୋଲକାତା ସ୍କୋର ୫୭/୫ ହୋଇ ଯାଇଥିଲା। ଇମ୍ପାକ୍ଟ ପ୍ଲେୟର ମନୀଷ ପାଣ୍ଡେ ଓ ଭେଙ୍କଟେଶ ଆୟର ୬ଷ୍ଠ ଉଇକେଟରେ ୮୩ ରନ ଯୋଗକରି ଦଳକୁ ଲଜ୍ଜାଜନକ ସ୍ଥିତିରୁ ମୁକୁଳାଇ ଥିଲେ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମନୀଷ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୨ ରନ କରିଥିଲେ। ୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଭେଙ୍କଟେଶ୍ ୬ ଚୌକା ଓ ୩ ଛକା ସହ ସର୍ବାଧିକ ୭୦ ରନ ସ୍କୋର କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଥୁସାରା ଓ ବୁମ୍ରା ୩ଟି ଲେଖାଏ, ହାର୍ଦ୍ଦିକ ୨ଟି ଓ ଚାୱଲା ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ ମୁମ୍ବାଇ ଇଣ୍ଡିଆନ୍ସର ନୁଆନ ଥୁସାରା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୧୯.୫ ଓଭରରେ ୧୬୯/ଅଲ୍‌ଆଉଟ (ଭେଙ୍କଟେଶ ଆୟର-୭୦, ମନୀଷ ପାଣ୍ଡେ-୪୨, ଯଶପ୍ରୀତ୍ ବୁମ୍ରା-୩/୧୮, ନୁୱାନ ଥୁସାରା-୩/୪୨, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୪, ପୀୟୂଷ ଚାୱଲା-୧/୧୫)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୧୪୫/ଅଲ୍‌ଆଉଟ (ସୂର୍ଯ୍ୟକୁମାର ଯାଦବ-୫୬, ଟିମ୍ ଡାଭିଡ-୨୪, ମିଚେଲ ଷ୍ଟାର୍କ-୪/୩୩, ବରୁଣ ଚକ୍ରବର୍ତ୍ତୀ-୨/୨୨, ସୁନୀଲ ନାରିନ-୨/୨୨, ଆନ୍ଦ୍ରେ ରସେଲ-୨/୩୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୭ | ୩ | ୧୪ | +୧.୦୯୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୬ | ୪ | ୧୨ | +୦.୦୯୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ପଞ୍ଜାବ କିଙ୍ଗ୍ସ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୩ | ୮ | ୬ | -୦.୩୫୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

# କିଜ୍‌ଙ୍କୁ ହରାଇ ସ୍ୱିଟେକ୍ ଫାଇନାଲରେ

### ମାଡ୍ରିଡ୍ ଓପନ ଟେନିସ

**ମାଡ୍ରିଡ୍, ୩।୫ (ଏପି)**

ଇଗା ସ୍ୱିଟେକ୍ ସେମିଫାଇନାଲରେ ମାଡିସନ କିଜ୍‌ଙ୍କୁ ୬-୧, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ମାଡ୍ରିଡ୍ ଓପନ ଟେନିସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ତଥା ଗତଥରର ଚାମ୍ପିୟନ ଆରିନା ସାବାଲେଙ୍କାଙ୍କୁ ଭେଟିବେ। ସାବାଲେଙ୍କା ଅନ୍ୟ ସେମିଫାଇନାଲ ମ୍ୟାଚରେ ବିଶ୍ୱର ୪ ନମ୍ବର ଖେଳାଳି ଏଲିନା ରିବାକିନାଙ୍କ ବିପକ୍ଷରେ ୧-୬, ୭-୫, ୭-୬ (୫)ରେ ବିଜୟ ସହଳ କରିଛନ୍ତି। ମାଡ୍ରିଡ୍ ଓପନ ହେଉଛି ଏକ ମାତ୍ର ୟୁରୋପିଆନ କ୍ଲେ-କୋର୍ଟ ଟୁର୍ନାମେଣ୍ଟ। ଏଠାରେ ସ୍ୱିଟେକ ଥରେ ହେଲେ ଟାଇଟଲ ବିଜୟୀ ହୋଇପାରି ନାହାନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମାଡ୍ରିଡ୍ ଓପନରେ ସ୍ୱିଟେକଙ୍କୁ ପରାସ୍ତ କରିବା ଲାଗି ସାବାଲେଙ୍କା ତିନି ସେଟ୍ ଆବଶ୍ୟକ କରିଥିଲେ।



ବିଜୟ ହାସଲପରେ ଇଗା ସ୍ୱିଟେକ୍।

**ମେଡେଭେଡେଭ ଆଘାତପ୍ରାପ୍ତ**

ଡାନିଲ ମେଡଭେଡେଭ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ସେ ୩୧ତମ ର‌୍ୟାଙ୍କିଂପ୍ରାପ୍ତ ଜିରି ଲେହେକାଙ୍କ ବିପକ୍ଷ ସେମିଫାଇନାଲର ପ୍ରଥମ ସେଟ୍ ୬-୪ରେ ହାରିବା ପରେ ମେଡଭେଡେଭ ଆଘାତପ୍ରାପ୍ତ ଯୋଗୁ ରିଟାୟର୍ଡ ନେଇ ଯାଇଥିଲେ। ଲେହେକା ସେମିଫାଇନାଲରେ ୩୫ତମ ର‌୍ୟାଙ୍କିଂପ୍ରାପ୍ତ ଫେଲିକ୍ସ ଅଗର ଆଲିଆସିମ୍‌ଙ୍କୁ ଭେଟିବେ। ମେଡେଭେଡେଭଙ୍କ ଡାହାଣ ଗୋଡ଼ ଉପରିଭାଗରେ ଚିକିତ୍ସା ଆବଶ୍ୟକ ପଡ଼ିଛି।

# ହ୍ୱାଇଟ ବଲ୍ ଫର୍ମାଟରେ ଭାରତ ନମ୍ବର ୱାନ

### ଆଇସିସି ର‌୍ୟାଙ୍କିଂ

■ ଟେଷ୍ଟ ର‌୍ୟାଙ୍କିଂରେ ଅଷ୍ଟ୍ରେଲିଆ ପ୍ରଥମ

**ଦୁବାଇ, ୩।୫ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ର‌୍ୟାଙ୍କିଂ ତାଲିକା ପ୍ରକାଶ ପାଇଛି। ହ୍ୱାଇଟ ବଲ୍ ଫର୍ମାଟରେ ଭାରତ ନମ୍ବର ୱାନ ସ୍ଥାନ ବଜାୟ ରଖିଛି। ଟେଷ୍ଟ ର‌୍ୟାଙ୍କିଂରେ କିନ୍ତୁ ଦଳ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ଭାରତ ସ୍ଥାନରେ ଅଷ୍ଟ୍ରେଲିଆ ନମ୍ବର ୱାନ ସ୍ଥାନ ଦଖଲ କରିନେଇଛି। ଭାରତ (୧୨୦) ବର୍ତ୍ତମାନ ଅଷ୍ଟ୍ରେଲିଆ (୧୨୪)ଠାରୁ ୪ ପଏଣ୍ଟ ପଛୁଆ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ୧୫ ପଏଣ୍ଟ ଆଗରେ ରହିଛି। ଦକ୍ଷିଣ ଆଫ୍ରିକା(୧୦୩) ଚତୁର୍ଥ ଦଳ ଭାବେ ୧୧୦ରୁ ଅଧିକ ପଏଣ୍ଟ ଅର୍ଜନ କରିଛି। ପୂର୍ବରୁ ଯଥାକ୍ରମେ ତୃତୀୟରୁ ନବମ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବର୍ତ୍ତମାନ କେବଳ ୯ଟି ଦଳକୁ ନେଇ ର‌୍ୟାଙ୍କିଂ ତାଲିକା ପ୍ରସ୍ତୁତ କରାଯାଇଛି, କାରଣ ଅଫଗାନିସ୍ତାନ ଓ ଆୟର୍ଲାଣ୍ଡ ଯଥେଷ୍ଟ ସଂଖ୍ୟାରେ ଟେଷ୍ଟ ମ୍ୟାଚ ଖେଳି ନ ଥିବା ବେଳେ ଜିମ୍ବାୱେ ଗତ ୩ ବର୍ଷରେ ମାତ୍ର ୩ଟି ଟେଷ୍ଟ ମ୍ୟାଚ ଖେଳିଥିବାରୁ ଏହାକୁ ତାଲିକାଭୁକ୍ତ କରାଯାଇ ନାହିଁ। ର‌୍ୟାଙ୍କିଂ ଟେବୁଲରେ ସ୍ଥାନ ପାଇବାକୁ ହେଲେ ଦଳଗୁଡ଼ିକୁ ୩ ବର୍ଷରେ ଅତିକମ୍‌ରେ ୮ରୁ ଅଧିକ ଟେଷ୍ଟ ମ୍ୟାଚ ଖେଳିବାକୁ ହେବ। ତେବେ ଭାରତ ବାର୍ଷିକ ଅପ୍‌ଡେଟ୍‌ରେ ଅନ୍ତର୍ଜାତୀୟ ଦିନିକିଆ ଓ ଅନ୍ତର୍ଜାତୀୟ ଟି୨୦ ର‌୍ୟାଙ୍କିଂରେ ଶୀର୍ଷ ସ୍ଥାନ ବଜାୟ ରଖିପାରିଛି। ଭାରତ ହୁଏତ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଥାଇପାରେ, ମାତ୍ର ଏହି ଦଳଠାରୁ ବ୍ୟବଧାନ ୩ ପଏଣ୍ଟରୁ ୬ ପଏଣ୍ଟକୁ ବୃଦ୍ଧି କରିପାରିଛି। ଭାରତର ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୧୨୨ ରହିଛି। ଟପ୍ ୧୦ରେ ଅନ୍ୟ କୌଣସି ସ୍ଥାନରେ ପରିବର୍ତ୍ତନ ଘଟି ନାହିଁ। ଆୟର୍ଲାଣ୍ଡ କିନ୍ତୁ ଜିମ୍ବାୱେଙ୍କୁ ଅତିକ୍ରମ କରି ୧୧ଶ ସ୍ଥାନ ଅଧିକାର କରିଛି। ତୃତୀୟ ସ୍ଥାନରେ ରହିଥିବା ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ରହିଥିବା ବ୍ୟବଧାନ ୮ପଏଣ୍ଟରୁ ୪ପଏଣ୍ଟକୁ ହ୍ରାସ ପାଇଛି। ଶ୍ରୀଲଙ୍କା ୫ମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡଠାରୁ ମାତ୍ର ଦୁଇ ପଏଣ୍ଟ ପଛରେ ରହିଛି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଟି୨୦ ର‌୍ୟାଙ୍କିଂରେ ଇଂଲଣ୍ଡ ଆଗରେ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ସେମାନେ ଭାରତଠାରୁ ୭ ପଏଣ୍ଟ ପଛରେ ରହିଛନ୍ତି। ଭାରତ ୨୬୪ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି। ଦକ୍ଷିଣ ଆଫ୍ରିକା ୬ଷ୍ଠ ସ୍ଥାନରୁ ଦୁଇସ୍ଥାନ ଉପରକୁ ଉଠି ମାତ୍ର ୨ ପଏଣ୍ଟ ବ୍ୟବଧାନରେ ଇଂଲଣ୍ଡ ପଛରେ ରହିଛି। ଦକ୍ଷିଣ ଆଫ୍ରିକା ଭଳି ନ୍ୟୁଜିଲାଣ୍ଡ ପଏଣ୍ଟ ସଂଖ୍ୟା ମଧ୍ୟ ୨୫୦ ରହିଛି, ହେଲେ ଦଶମିକ ହିସାବରେ ପଛରେ ରହିଛି। ଅନ୍ୟପକ୍ଷରେ ୬ଷ୍ଠ ସ୍ଥାନରେ ରହିଥିବା ୱେଷ୍ଟଇଣ୍ଡିଜର ପଏଣ୍ଟ ସଂଖ୍ୟା ୨୪୯ ରହିଛି। ତୃତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ଏହାର ପଏଣ୍ଟ ବ୍ୟବଧାନ ମାତ୍ର ୩ ରହିଛି। ତାଲିକାରେ ଘଟିଥିବା ଅନ୍ୟ ପରିବର୍ତ୍ତନ ମଧ୍ୟରେ ପାକିସ୍ତାନ ଦୁଇ ସ୍ଥାନ ତଳକୁ ଖସି ୭ମକୁ ଖସି ଆସିଥିବା ବେଳେ ଜିମ୍ବାୱେକୁ ଅତିକ୍ରମ କରି ସ୍କଟଲାଣ୍ଡ ୧୨ତମ ସ୍ଥାନରେ ରହିଛି।

Classified Everyday
0674-2580101, 2549949



REAL ESTATE

SALE

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

**Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact- 7008513309.** D-192

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

Your classified advertisement published in Dharitri will be listed free in Dharitri online edition: **dharitriepaper.in**

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Ready to move 3BHK duplex, Bank loan Gudiapokhari, Bhubaneswar. 9827152441. D-75531

2/3 BHK premium completed flat sale Patia Mainroad side - 9776866520. D-75953

**ଭୁବନେଶ୍ୱର, ଟଙ୍କପାଣି ରୋଡ଼, ରଙ୍ଗବଜାର ଛକରେ 3BHK** Duplex ଓ ଧଉଳିଛକ ପାଖରେ 3BHK Flat ବିକ୍ରୟ ହେବ। BDA Approved, Bank Finance ସୁବିଧା ଅଛି। ସବିଶେଷ ତଥ୍ୟ ପାଇଁ ଯୋଗାଯୋଗ କରନ୍ତୁ: **9438220432 / 8144658008.** D-211

**Plot for sale in BDA Town Planning scheme (TP-1), area 9150 sqft. 9861339189, 9398095446.** D-75532

200ft roadside commercial private plot sale, Jharapada, Bhubaneswar. 9437283845. D-75329

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Jyoti SPA positively health benefits (Expert therapist). 8458067955. D-76116

Relax, refresh your body, mind by expert therapist. Contact- 9938843929. D-76117

Newly open SPA positively health benefits with expert therapist. 8658466886. D-76115

Monalisa massage Club: All types Body massage with hiprofile smart lady rooms service available. 9708545108. D-190

Kerala body Massage best Therapist, Bhubaneswar. 9337672475. D-210

LOST

My Regd. Sale Deed bearing No.11371804631 Dt.3.10.2018 has been lost for which I have lodged a F.I.R. before the I.I.C., Sarankul P.S. on 28.04.24 bearing S.D.E. No.03. So I want to publication the matter in the daily newspaper The Dharitri. Yours faithfully, Manoj Kumar Mahapatra. D-209

ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକ



୰ଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୩।୧୯୪୧
ତିରୋଧାନ: ୨୮।୦୪।୨୦୧୧
କେମିତି ୧୩ ବର୍ଷ କଟିଗଲା ଆମେ ଜାଣିପାରିଲୁ ନାହିଁ। ଆପଣଙ୍କ ସ୍ମୃତି ସବୁ ଅପାସୋରା। ଆପଣ ଆମ ପାଇଁ ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଡାକ୍ତର ଅବକାଶ ଦାସ ଯାଦବ, ଅଧ୍ୟକ୍ଷ, ଗୌରାଙ୍ଗ କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ, ଗୌରାଙ୍ଗ ଚରଣ ଦାସ ସ୍ମୃତି କମିଟି କର୍ମକର୍ତ୍ତା ତଥା ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୧୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

